ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Energy (OD)/ 1242/08-02-2021**

# କଳାହାଣ୍ଡି ଜିଲ୍ଲାରେ ବିଦ୍ୟୁତ ଯୋଗାଣ ଉପରେ ସମୀକ୍ଷା

## ମେଡିକାଲ କଲେଜକୁ ସ୍ୱତନ୍ତ୍ର ଉତ୍ସର୍ଗୀକୃତ ବିଦ୍ୟୁତ ସେବା

ଭୁବନେଶ୍ୱର, ତା.୦୮/୦୨/୨୦୨୧

ଆଜି ଅପରାହ୍ଣରେ ଖାରବେଳ ଭବନସ୍ଥିତ ଶକ୍ତି ବିଭାଗ ସମ୍ମିଳନୀ କକ୍ଷରେ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କଳାହାଣ୍ଡି ଜିଲ୍ଲାରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଉପରେ ସମୀକ୍ଷା କରିଛନ୍ତି । ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ କରାଯାଇଥିବା ଏହି ସମୀକ୍ଷାରେ ଓପିଡବ୍ଲ୍ୟୁଓଡିଏଲ୍, ଟିପିଡବ୍ଲ୍ୟୁଓଏଲ୍, ଏନ୍‌ଟିପିସି, ଓରେଡ଼ା, ଓପିଟିସିଏଲ୍, ଡିଡିୟୁଜିଜେଓ୍ୱାଇ ଏବଂ ଏଲ୍ ଏଣ୍ଡ ଟି ପ୍ରଭୃତି ସଂସ୍ଥାର ବରିଷ୍ଠ ଅଧିକାରୀଗଣ ଯୋଗଦେଇଥିଲେ । କଳାହାଣ୍ଡି ଜିଲ୍ଲାରେ କେତେକ ନୂତନ ବିଦ୍ୟୁତ ଲାଇନ୍ ନିର୍ମାଣରେ ଦୋଫସଲୀ ଚାଷ ବାଧା ସୃଷ୍ଟି କରୁଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ସମସ୍ୟାକୁ ଆଖିରେ ରଖି କିପରି ଅଧିକ ଗ୍ୟାଙ୍ଗ ନିଯୁକ୍ତ କରି ଅଳ୍ପ ସମୟ ମଧ୍ୟରେ ଖୁଣ୍ଟ ପୋତା ଏବଂ ତାର ଟାଣିବା କାର୍ଯ୍ୟ କରିହେବ ସେଥିପାଇଁ ଏକ ପାରଦର୍ଶୀ ଯୋଜନା କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେ ମଇ ମାସରୁ ଜୁନ୍ ୧୫ ତାରିଖ ମଧ୍ୟରେ ଏହି କାମଗୁଡ଼ିକୁ ସାରିବାକୁ କହିଥିଲେ । ଜୁନାଗଡ଼ଠାରୁ ଦାସିଗାଁ ସବୁଠାରୁ ଦୀର୍ଘତମ ବିଦ୍ୟୁତ ଲାଇନ୍‌ର ଉନ୍ନତିକରଣ ତୁରନ୍ତ ହାତକୁ ନେବା ସହ ଥୁଆମୂଳ-ରାମପୁରରେ ସ୍ଥିର ବିଦ୍ୟୁତ ସେବା ଯୋଗାଣ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେହିପରି ଜୁନାଗଡ଼ରୁ ଧର୍ମଗଡ଼ ୩୩ କେଭି ଲାଇନ ହାତୀନଦୀ ବନ୍ୟା ସମୟରେ ୩/୪ ଦିନ ଲଗାତାର ବିଦ୍ୟୁତ ସରବରାହ ବ୍ୟାଘାତ ଘଟୁଥିବା ଯୋଗୁଁ ସେହି ଅଞ୍ଚଳର ୧୫ ହଜାର ଉପଭୋକ୍ତା ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି । ଦୀର୍ଘଦିନ ଧରି ଏହି ସମସ୍ୟାର ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ଏ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରୁନାହିଁ । ତେଣୁ ଏହି ଲାଇନ୍‌କୁ ସୁଦୃଢ଼ କରି ଉନ୍ନତ କରିବାକୁ ସେ କହିଥିଲେ । ଜୟପାଟଣାଠାରୁ ଜୁନାଗଡ଼ ନୂଆ ୩୩ କେଭି ଲାଇନ, ବାନେରଠାରୁ ଲଡୁଗାଁ ଲାଇନ୍‌ର ଉନ୍ନତିକରଣ, ବେହେରାଠାରୁ ଡେଙ୍ଗାଗୁଡ଼ା ୨୨୦/୩୩ କେଭି ଲାଇନ ସଂଯୋଗ, ଗୋଲାମୁଣ୍ଡା ବ୍ଲକ୍‌ର ଫଟାମୁଣ୍ଡା/ବଡ଼ଚେରଗାଁ ଟ୍ରାନ୍ସଫର୍ମର ସ୍ଥାପନ ଆଦି କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ବଣିଜରାରୁ ଜୁନାଗଡ଼କୁ କୋପେକ୍ସ ଅଧୀନରେ କାର୍ଯ୍ୟ କରିବାକୁ କୁହାଯାଇଛି । ଓରେଡ଼ା ତରଫରୁ ସୌରଶକ୍ତି ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ କରିପାରିଥିବା ସମୀକ୍ଷାରେ ଜଣାପଡ଼ିଛି । ତେବେ କୋଣାର୍କ ଐତିହ୍ୟ ସହର ପାଇଁ ଜୁନାଗଡ଼ଠାରେ ହେବାକୁ ଥିବା ସୋଲାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଆବଶ୍ୟକ ଜମିର ଏକ ତୃତୀୟାଂଶ ସ୍ଥାନରେ ଗଛ ସଫା କରାଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି । କଳାହାଣ୍ଡି ମେଡିକାଲ କଲେଜ ପାଇଁ ଏକ ଉତ୍ସର୍ଗୀକୃତ ଲାଇନ୍‌ର ପ୍ରାବଧାନ କରିବାକୁ ଏବଂ ଜିଲ୍ଲା ସଦର ମହକୁମା ଡାକ୍ତରଖାନାକୁ ବିକଳ୍ପ ଲାଇନ୍ ଦେବାକୁ ପ୍ରମୁଖ ସଚିବ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଥିଲେ । ସେ ପ୍ରତିଗ୍ରାମକୁ ବିଦ୍ୟୁତ ସେବାଯୋଗାଣ ଭିତରେ ସବୁ ଅନୁଷ୍ଠାନ ଯଥା-ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଇତ୍ୟାଦିଙ୍କୁ ବିଦ୍ୟୁତ ପହଞ୍ଚାଇବା ନିୟମ ରହିଥିବା ଦର୍ଶାଇଥିଲେ । ବୈଷୟିକ ସାଜସଂରଞ୍ଜାମରେ କୌଣସି ପ୍ରକାର ସାଲିସ୍ ନକରି ଯୋଜନା କଲାବେଳେ ସର୍ବଦା ୧୦/୧୧ ବର୍ଷ ଆଗକୁ ଚିନ୍ତା କରି ବଜେଟ୍ ଏବଂ ପ୍ଲାନ ପ୍ରସ୍ତୁତ କରନ୍ତୁ ବୋଲି ସେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ କହିଥିଲେ । ଶକ୍ତିମନ୍ତ୍ରୀ ଜୁନାଗଡ଼ ସମେତ କଳାହାଣ୍ଡିର ବହୁ ସ୍ଥାନରେ ବହୁ ପୁରୁଣା ୧୦ କେଭି ଟ୍ରାନ୍ସଫରମର ରହିଥିବା ଯୋଗୁଁ ଉଦ୍‌ବେଗ ପ୍ରକାଶ କରି ସେଗୁଡ଼ିକୁ ଶୀଘ୍ର ବଦଳା ଯିବା ପାଇଁ ସେ କହିଥିଲେ । ତା'ଛଡ଼ା କେସିଙ୍ଗା-ବଲାଙ୍ଗୀର ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ ଲାଇନ କାର୍ଯ୍ୟ ପାଇଁ କେତେକ ସ୍ଥାନରେ ଗଛକଟା ମଞ୍ଜୁର ହେଉଥିବା ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଦୃଷ୍ଟିଗୋଚର ହୋଇଥିବା ଯୋଗୁଁ ତୁରନ୍ତ ଗଛକଟା ଯିବାକୁ ପଦକ୍ଷେପ ନେବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀ ସୁରଥ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ସଚିବ ଶ୍ରୀ ଧନଞ୍ଜୟ ସ୍ୱାଇଁ, ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗଜାନନ ଏସ୍. କାଲେ, ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୀବ ସିଂ ପ୍ରମୁଖ ଯୋଗଦେଇଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ